بِسۡمِ اللّٰہِ الرَّحۡمٰنِ الرَّحِیۡمِ

୭ ନଭେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତେହରିକ୍ ଜଦିଦ୍‌ର ୯୧ତମ ବର୍ଷରେ ଜମାଅତ ଅହମଦିୟା ତରଫରୁ ଉପସ୍ଥାପନ କରାଯାଇଥିବା ଅର୍ଥଦାନର ଚର୍ଚ୍ଚା ଓ ୯୨ତମ ବର୍ଷ ଶୁଭାରମ୍ଭ ହେବାର ଘୋଷଣା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଝୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରେ ବକରାର ଆୟତ ସଂଖ୍ୟା ୨୬୨ ପାଠ କରି ଅନୁବାଦ ଉପସ୍ଥାପନ କଲେ ଓ କହିଲେ; ନଭେମ୍ବର ମାସ ପହିଲାରୁ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତରେ ପ୍ରଚଳିତ ତେହରିକ ଜଦିଦ୍‌ର ନୂତନ ବର୍ଷ ଆରମ୍ଭ ହୋଇଥାଏ, ଆଉ ନୂତନ ବର୍ଷର ଘୋଷଣା ମଧ୍ୟ କରାଯାଇଥାଏ । ତଥା ବିଗତ ବର୍ଷରେ ସଦସ୍ୟବୃନ୍ଦଙ୍କର ଏହି ପାଣ୍ଠିରେ କରିଥିବା ଅନୁଦାନର ଆଲୋଚନା କରାଯାଏ । ଏହିପରି ଅର୍ଥଦାନ କରିବାର ମହତ୍ୱ ଓ ଗୁରୁତ୍ୱ ସଂକ୍ରାନ୍ତରେ ମଧ୍ୟ କିଛି ତଥ୍ୟ ଉପସ୍ଥାପନ କରାଯାଏ ।

ତେହରିକ ଜଦିଦ୍‌ର ଆରମ୍ଭ ୧୯୩୪ମସିହାରେ ହଜରତ ମୁସଲେହ୍ ମଉଦ[ର.ଅ] କରିଥିଲେ । ଏହାର କାରଣ ଏହା ଥିଲା କି ସେତେବେଳେ ଜମାଅତ ବିରୁଦ୍ଧରେ ଏହରାର୍ (ଦଳ) ଏକ ଉପଦ୍ରବ କରି ହଟଗୋଳ ସୃଷ୍ଟି କରିଥିଲେ । ବେହସ୍ତି ମକ୍‌ବରା (ପବିତ୍ର ସମାଧିସ୍ଥଳୀ) ଯେଉଁଠାରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ସମାଧି ରହିଛି, ତାହାର ଅସମ୍ମାନ କରିବାର ସେମାନେ ଚକ୍ରାନ୍ତ କରିଥିଲେ । ପ୍ରଶାସନ ମଧ୍ୟ ଆମ ବିରୋଧୀମାନଙ୍କର ସମର୍ଥନ କରୁଥିଲା । ଏପରି ଘଡିସନ୍ଧି ମୁହୂର୍ତ୍ତରେ ହଜରତ ମୁସଲେହ୍ ମଉଦ[ର.ଅ] ଜମାଅତକୁ ଆହ୍ୱାନ ଦେଲେ ଯେ, ଏକ ପାଣ୍ଠି ଗଠନ କର ଯଦ୍ଦ୍ୱାରା ଆମେ ଅହମଦିୟତ୍ ଓ ଇସଲାମ୍‌ର ବାର୍ତ୍ତାକୁ ସଂସାରର କୋଣ ଅନୁକୋଣରେ ପହଞ୍ଚାଇ ଦେବା ଏବଂ ଜମାଅତର ବ୍ୟବସ୍ଥାକୁ ସୁଦୃଢ଼ ଓ ସଶକ୍ତ କରନ୍ତୁ । ଯଦ୍ଦ୍ୱାରା ବିରୋଧୀମାନଙ୍କ ଉପଦ୍ରବ ଓ ବିରୋଧର ଆମେ ମୁକାବିଲା କରିପାରିବା । ଗୋଟିଏ ପାର୍ଶ୍ୱରେ ଯଦି ବିରୋଧୀ ରହିଛି ତେବେ ଅନ୍ୟ ପାର୍ଶ୍ୱରେ (ଆମକୁ) ଉନ୍ନତି ଦୃଶ୍ୟମାନ ହେଉଛି ଏବଂ ଜମାଅତର ବ୍ୟବସ୍ଥା ପରିବ୍ୟାପ୍ତ ହୋଇଚାଲିବ । ଅଲ୍ଲାଃତାଲାଙ୍କ କୃପାରୁ ଆଜି ଆମେ ଦେଖୁଅଛେ ଯେ, ବିଶ୍ୱର ସମସ୍ତ ଦେଶରେ ଅହମଦିୟତ୍ ଓ ବାସ୍ତବ ଇସଲାମର ବାର୍ତ୍ତା ପହଞ୍ଚି ଯାଇଛି ଏବଂ (ଆମର) ଉତ୍ସର୍ଗୀମାନେ ସେଠାରେ କାର୍ଯ୍ୟରତ । ସଂସାରର ବିଭିନ୍ନ ଦେଶରେ ଆମେ ମସଜିଦ୍ ନିର୍ମାଣ କରିଛୁ, ଆମର ସ୍କୁଲ ମଧ୍ୟ ରହିଛି, ଚିକିତ୍ସାଳୟ ବି ଚାଲିଛି । ମୁବଲ୍ଲିଗ୍ ଓ ମୌଅଲ୍ଲିମ୍ ଜମାଅତର ସେବା କରିବାର ସୌଭାଗ୍ୟ ଅର୍ଜନ କରୁଛନ୍ତି । ପତ୍ରପତ୍ରିକା ପ୍ରକାଶିତ ହେଉଅଛି, କେନ୍ଦ୍ରୀୟ ଷ୍ଟୁଡ଼ିଓ ବ୍ୟତୀତ ଅନେକ ଦେଶରେ ଏମ.ଟି.ଏ.ର ଅନେକ ଷ୍ଟୁଡ଼ିଓ ସ୍ଥାପିତ ହୋଇଯାଇଛି । ରେଡ଼ିଓ ଷ୍ଟେଶନ୍ ମଧ୍ୟ କାମ କରୁଅଛି । ଯଦିଓ ଏ ସମସ୍ତ କାର୍ଯ୍ୟ, ସେଗୁଡ଼ିକର ଅନେକ ଖର୍ଚ୍ଚ ବାକି ଚାନ୍ଦା ଦ୍ୱାରା ପୂରଣ କରାଯାଇଥାଏ । କିନ୍ତୁ ତେହରିକ୍ ଜଦିଦ୍ ଏଥିରେ ବଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି ।

ଏହରାର୍‌ମାନେ ଯେଉଁ ଦାବି କରିଥିଲେ ଯେ, ଆମେ କାଦିୟାନ୍‌ର ମୂଳୋତ୍ପାଟନ କରିଦେବୁ । ଅହମଦିୟତ୍‌କୁ ନିଶ୍ଚିହ୍ନ କରିଦେବୁ ଓ ଆଜି ପର୍ଯ୍ୟନ୍ତ ମଧ୍ୟ ଏହି ନାରା (ଶ୍ଲୋଗାନ) ଆମ ବିରୋଧୀମାନେ ଲଗାଉଛନ୍ତି । ତେବେ ଏହି ନାରାର ଉତ୍ତର ପ୍ରତି ବର୍ଷ ଜମାଅତର ଉନ୍ନତି ଓ ପ୍ରଗତିର (ଏପରି ବିବରଣୀ) ଦ୍ୱାରା ପ୍ରଦାନ କରାଯାଉଛି । ଜମାଅତ ଉପରେ ଅଲ୍ଲାଃତାଲାଙ୍କ କୃପା ବର୍ଷଣ ଦ୍ୱାରା ଦିଆଯାଉଛି । ଆଉ ବୈଅତ୍ କରି ଜମାଅତରେ ସାମିଲ ହେଉଥିବା ଲୋକମାନେ ତାହାର ପ୍ରତ୍ୟକ୍ଷ ଉତ୍ତର । ଆଜି ୨୨୦ଗୋଟି ଦେଶରେ ଜମାଅତ ଯେଉଁ ବିକାଶର ପଥରେ ଅଗ୍ରସର ରହିଛି, ଏହା ତାହାର ଉତ୍ତର ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ଅଲ୍ଲାଃତାଲାଙ୍କର ଏହି କାର୍ଯ୍ୟ ଓ ସାହାଯ୍ୟ ସମର୍ଥନ ଏହି କଥାର ଜ୍ୱଳନ୍ତ ପ୍ରମାଣ ଯେ ହଜରତ ମସିହ ମଉଦ[ଅ.ସ]ଙ୍କ ଦାବି ସମ୍ପୂର୍ଣ୍ଣ ସତ୍ୟ ଅଟେ । ଆଉ ଅହମଦିୟତ୍ ଅଲ୍ଲାଃତାଲାଙ୍କ କୃପାରୁ କୌଣସି ସାଧାରଣ ମନୁଷ୍ୟ ଦ୍ୱାରା ଲଗାଯାଇଥିବା ବୃକ୍ଷ ନୁହେଁ, ନା ହିଁ କୌଣସି ପ୍ରଶାସନ ଦ୍ୱାରା ଲଗାଯାଇଥିବା ବୃକ୍ଷ । ବରଂ ସେହି ମହାପରାକ୍ରମୀ ଈଶ୍ୱରଙ୍କ ଦ୍ୱାରା ରୋପଣ କରାଯାଇଥିବା ବୃକ୍ଷ । **ଯାହାକି ଏବେ ଏକ ବିଶାଳ ବୃକ୍ଷରେ ପରିଣତ ହୋଇଯାଇଛି ।** ଯାହାର ଶାଖା ପ୍ରଶାଖା ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଯାଇଛି ଓ ଅଲ୍ଲାଃତାଲା ଏହାକୁ ଆହୁରି ସମୃଦ୍ଧି ପ୍ରଦାନ କରି ଚାଲିଛନ୍ତି । ଏହି କ୍ରମପର୍ଯ୍ୟାୟ ଅବ୍ୟାହତ ଅର୍ଥାତ୍ ଜାରି ରହିଛି ତଥା ଉନ୍ନତି କରିଚାଲିଛି । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ବକରାର ଆୟତ ସଂଖ୍ୟା ୨୬୨ଆଲୋକରେ ବର୍ଣ୍ଣନା କଲେ, ଦେଖ ଅଲ୍ଲାଃତାଲା ଅଙ୍ଗୀକାର କରିଛନ୍ତି, ଯେ ତୁମେମାନେ ଯିଏକି ମୋ ମାର୍ଗରେ ବ୍ୟୟ କରୁଅଛ ତାହାର ପ୍ରତିଫଳ ଅବଶ୍ୟ ମିଳିବ । ବରଂ ଆମ୍ଭେ ଏଥିପାଇଁ ସମର୍ଥ୍ୟ ଯେ ତୁମର ଏହି ବଳିଦାନକୁ ୭୦୦ଗୁଣା ପର୍ଯ୍ୟନ୍ତ ବରଂ ତା'ଠାରୁ ଅଧିକ କରି ଦେଇଥାଉ । ସୁତରାଂ କହିଲେ; ଅଲ୍ଲାଃତାଲା ବିଶ୍ୱାସକାରୀଙ୍କ ହୃଦୟରେ ଏହି ଭାବନା ଉତ୍ପନ୍ନ କରିଦେଲେ ଯେ ନିଜ ହୃଦୟ ଉନ୍ମୁକ୍ତ କରିଚାଲ ଓ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିଚାଲ । ଅଲ୍ଲାଃତାଲାଙ୍କ ଧର୍ମ ପ୍ରଚାର ନିମନ୍ତେ ବ୍ୟୟ କର, ଯେଉଁ କାର୍ଯ୍ୟ ଚଳିତ ଯୁଗରେ ହଜରତ ମସିହ ମଉଦ ଓ ମେହଦୀ ମଉଦ[ଅ.ସ]ଙ୍କ ଉପରେ ନ୍ୟସ୍ତ ଥିଲା, ତାହା ଆପଣଙ୍କ ଜମାଅତ ଉପରେ ମଧ୍ୟ ନ୍ୟସ୍ତ ରହିଛି । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁମାନେ ବଳିଦାନକାରୀ ସେମାନେ ନିଜ (ବିଶ୍ୱାସବର୍ଦ୍ଧକ) ଘଟଣା ଉଲ୍ଲେଖ କରି ମୋତେ ପ୍ରେରଣ ମଧ୍ୟ କରିଥାନ୍ତି । ତାହା ପାଠ କରି ଆଶ୍ଚର୍ଯ୍ୟ ଲାଗେ ଯେ, କିପରି ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତାଙ୍କୁ ଅର୍ଥଦାନ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ ଓ ସେମାନଙ୍କ ବିଶ୍ୱାସକୁ ସୁଦୃଢ କରିଛନ୍ତି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବାର ଗୁରୁତ୍ୱକୁ ଉଜାଗର କରିବା ସଂକ୍ରାନ୍ତରେ କେତେକ ଜ୍ଞାନବର୍ଦ୍ଧକ ଓ ଐତିହାସିକ ଘଟଣା ବର୍ଣ୍ଣନା କଲେ । ଅଧିକନ୍ତୁ କହିଲେ; ଏହା ସତ୍‌ପଥ, ସେମାନଙ୍କ ସକାଶେ ଯେଉଁମାନେ ଅର୍ଥଦାନ କଲେ ଏବଂ ଏତଦ୍ ଦ୍ୱାରା ସେମାନେ ନିଜ ଉପାସନାର ସ୍ତର ମଧ୍ୟ ଅଭିବୃଦ୍ଧି କଲେ । **ଆଉ ଅର୍ଥଦାନ କରି ଏହା ମଣିବା ଉଚିତ୍ ନୁହେଁ ଯେ, ଆମେମାନେ ପ୍ରଭୁଙ୍କ ଉପାସନା କରିବାରୁ ମୁକ୍ତ ହୋଇଗଲୁ ।**

ପୁନଶ୍ଚ କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ କାଳରେ ଏଥି ସଂକ୍ରାନ୍ତରେ ସାହାବାଙ୍କର ଉଦାହରଣ ମଧ୍ୟ ମିଳୁଅଛି । ଏହିପରି ଆମ ଜମାଅତରେ ମଧ୍ୟ ଗୁରୁଜନମାନେ ମଧ୍ୟ ନମୁନା ଉପସ୍ଥାପନ କରିଛନ୍ତି ଅର୍ଥାତ୍ ସେମାନେ ହିସାବ କରି ନିଜ ଧନ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରୁ ନଥିଲେ । ବରଂ ଅଜସ୍ର

ବ୍ୟୟ କରୁଥିଲେ, ବସ୍ତୁତଃ ହଜରତ ମସିହ ମଉଦ[ଅ.ସ] ସ୍ୱୟଂ ଗୋଟିଏ ସ୍ଥାନରେ ହଜରତ ହକିମ୍ ମୌଲାନା ନୁରୁଦ୍ଦିନ୍ ସାହେବ (ଜମାଅତ ଅହମଦିୟାର ପ୍ରଥମ ଖଲିଫା)[ର.ଅ]ଙ୍କର ଉତ୍ତମ ଚର୍ଚ୍ଚା କରି କହିଛନ୍ତି, ଯଦି ମୁଁ ତାଙ୍କୁ ଅନୁମତି ଦିଏ ତେବେ ସେ ନିଜର ସବୁକିଛି ଏହି ମାର୍ଗରେ ବ୍ୟୟ କରି ନିଜ ଆଧାତ୍ମିକ ସ୍ତରରେ ନିକଟତର ହେବା ପରି ଶାରୀରିକ କ୍ଷେତ୍ରରେ ନିକଟତର ହେବା ଓ ପ୍ରତି ମୁହୂର୍ତ୍ତରେ (ଆମ) ସଙ୍ଗତରେ ରହିବାର କର୍ତ୍ତବ୍ୟ ସମ୍ପାଦନ କରି ଦେଇଥା'ନ୍ତେ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ବିଶ୍ୱବ୍ୟାପୀ ଜମାଅତ ଅହମଦିୟାର ନିଷ୍ଠାପର ସଦସ୍ୟବୃନ୍ଦ ତେହରିକେ ଜଦିଦ୍‌ର ପାଣ୍ଠିରେ କରିଥିବା ଅର୍ଥଦାନ ପରିପ୍ରେକ୍ଷୀରେ ଅଲବାନିୟା, ଇଣ୍ଡୋନେସିଆ, ଘାନା, ଗିନୀକନାକରୀ ଓ ମାଲି ଆଦି ଦେଶଗୁଡ଼ିକରେ ବସବାସ କରୁଥିବା ନିଷ୍ଠାପର ଅହମଦିମାନଙ୍କ ବଳିଦାନର ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଓ ସେମାନଙ୍କ ଉପରେ ଅଲ୍ଲାଃତାଲାଙ୍କ ପୁରସ୍କାର ଓ କୃପାବୃଷ୍ଟିର ଚର୍ଚ୍ଚା କଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଭାରତରୁ ତେହରିକେ ଜଦିଦ୍ ବିଭାଗର ଜଣେ ଇନ୍‌ସ୍ପେକ୍ଟର ଯିଏକି ତେଲେଙ୍ଗାନା ରାଜ୍ୟରେ କାର୍ଯ୍ୟରତ, ଉଲ୍ଲେଖ କରିଛନ୍ତି; ଏଠାକାର ଜଣେ ବ୍ୟକ୍ତି ଯେ ହାଇଦ୍ରାବାଦ ଅଞ୍ଚଳର । ସେ ତେହରିକେ ଜଦିଦ୍ ପାଣ୍ଠିରେ ସାତ ହଜାର ଟଙ୍କା ଦାନ କରିବାର ପ୍ରତିଶୃତି ଦେଇଥିଲେ । କିନ୍ତୁ ତାଙ୍କର ଚାକିରୀ ଚାଲି ଯିବାରୁ ସେ ଉକ୍ତ ରାଶି ପୈଠ କରିପାରିଲେ ନାହିଁ । କିନ୍ତୁ ପରବର୍ତ୍ତୀ ବର୍ଷ ପାଇଁ ସେ ନିଜ ଚାନ୍ଦା ବଢ଼ାଇ ଦଶ ହଜାର ଲେଖାଇ ଦେଲେ । ତାଙ୍କୁ କୁହାଗଲା ଯେ, ଏବେ ତ ଆପଣଙ୍କର ଗତବର୍ଷର ଚାନ୍ଦା ଦେବା ବାକି ଅଛି । ଆଉ ଆପଣ ଆସନ୍ତା ବର୍ଷ ପାଇଁ ନିଜ ଚାନ୍ଦା ବଢ଼ାଇ ଦେଲେ, ତାହା ଆପଣ କିପରି ପୈଠ କରିବେ । ଏଥିରେ ସେ କହିଲେ; ମୋର ଦୃଢ଼ ବିଶ୍ୱାସ ରହିଛି, ଯେ ଅଲ୍ଲାଃତାଲା ହିଁ ଏହାର ବ୍ୟବସ୍ଥା କରିଦେବେ । କାରଣ ମୁଁ ତାଙ୍କ ସକାଶେ ଦେଉଅଛି, ଅତଃ କିଛି ଦିନରେ ହିଁ ତାଙ୍କୁ ପୂର୍ବ ଅପେକ୍ଷା ବେଶ ଭଲ ଚାକିରୀଟିଏ ମିଳିଗଲା । ଆଉ ସେ ବିଗତ ଦୁଇବର୍ଷର ବାକି ଚାନ୍ଦା ପୈଠ କରିବା ସହିତ ନୂତନ ବର୍ଷ ପାଇଁ କରିଥିବା ପ୍ରତିଶୃତି ସାତ ହଜାର ପରିବର୍ତ୍ତେ ତିରିଶ ହଜାର ପୈଠ କରିଦେଲେ । ଏହିପରି ଅଲ୍ଲାଃତାଲା ତାଙ୍କ ସହିତ ଅନୁପମ ଆଚରଣ କରିଥିଲେ ।

ସେଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ତେହରିକେ ଜଦିଦ୍‌ର ୯୨ତମ ଅର୍ଥାତ୍ ନୂତନ ବର୍ଷର ଘୋଷଣା କଲେ ଓ ବିଗତ ବର୍ଷ ଅର୍ଥାତ୍ ୯୧ତମ ବର୍ଷରେ ହୋଇଥିବ ଅର୍ଥାଦାୟ ବର୍ଣ୍ଣନା କରି କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଏହି ବର୍ଷ ୧୯.୫୫ମିଲିୟନ୍ ପାଉଣ୍ଡ ଅର୍ଥଦାନ କରିବାର ସୌଭାଗ୍ୟ ଅର୍ଜନ କରିଛି । ଅଲ୍‌ହମ୍‌ଦୁଲିଲ୍ଲାଃ । ଯାହାକି ଗତବର୍ଷ ତୁଳନାରେ ୧୫ଲକ୍ଷ ୬୪ହଜାର ପାଉଣ୍ଡ ଅଧିକ ଅଟେ ।

ସାମଗ୍ରୀକ ଆଦାୟ ଦୃଷ୍ଟି କୋଣରୁ ପ୍ରଥମ ଦଶଗୋଟି ଜମାଅତ ହେଲେ- ଜର୍ମାନୀ, ଇଂଲଣ୍ଡ, ଆମେରିକା, କାନାଡ଼ା, ଭାରତ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଏକ ଜମାଅତ ଓ ଘାନା ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ନିଜ ଚାନ୍ଦା ବିଶେଷ ରୂପେ ଅଭିବୃଦ୍ଧି କରିଥିବା ଜମାଅତଗୁଡ଼ିକ ହେଲେ- ମରିସିୟସ୍, ହଲାଣ୍ଡ । ସାମୂହିକ କାର୍ଯ୍ୟ ଦୃଷ୍ଟିରୁ ଉଲ୍ଲେଖ ଯୋଗ୍ୟ ଜମାଅତଗୁଡ଼ିକ ହେଲେ- ବେଲଜିୟମ୍, ସ୍ୱେଡ଼େନ୍, ଫ୍ରାନସ୍, ହଲାଣ୍ଡ, କବାବିର୍, ବଙ୍ଗଳାଦେଶ, ବୁରକିନାଫାସୋ, ନ୍ୟୁଜ୍‌ଲ୍ୟାଣ୍ଡ, ସେରେଲିଓନ୍, ବେନିନ୍, ମାଲି, ନାଇଜର୍, ତୁର୍କି, ଜରର୍ଜିୟା, ମଧ୍ୟ ଏସିଆର ଏକ ଜମାଅତ ଓ ଅଷ୍ଟ୍ରେଲିଆ ଇତ୍ୟାଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଆଫ୍ରିକାର ସାମଗ୍ରୀକ ଆଦାୟ ଦୃଷ୍ଟି କୋଣରୁ ପ୍ରଥମ ପାଞ୍ଚ ଗୋଟି ଜମାଅତ ହେଲେ- ଘାନା, ମରିସିୟସ୍, ନାଇଜେରିଆ, ବୁରକିନାଫାସୋ ଓ ତାଞ୍ଜାନିଆ ଇତ୍ୟାଦି

ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ତେହରିକେ ଜଦିଦ୍‌ର ପାଣ୍ଠିରେ କରିଥିବା ଅର୍ଥଦାନ ପ୍ରସଙ୍ଗରେ ଅଲବାନିୟା, ଇଣ୍ଡୋନେସିଆ, ଘାନା, ଗିନୀକନାକରୀ ଓ ମାଲି ଆଦି ଦେଶରେ ଅଂଶଗ୍ରହଣକାରୀଙ୍କ ମୋଟ ସଂଖ୍ୟା ୧୭ଲକ୍ଷ ଅଟେ । ଚଳିତ ବର୍ଷର ରିପୋର୍ଟ ଅନୁଯାୟୀ ଷଷ୍ଠ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ସମୁଦାୟ ସଦସ୍ୟଙ୍କ ସଂଖ୍ୟା ୪୩ ହଜାର ୫୮୮ ରହିଛି ।

ଭାରତର ପ୍ରଥମ ଦଶଗୋଟି ରାଜ୍ୟ ହେଲେ- କେରଳ, ତାମିଲନାଡୁ, ତେଲେଙ୍ଗାନା, **ଓଡ଼ିଶା,** ଜମ୍ମୁକଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଆଦି ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି । ଜମାଅତଗୁଡ଼ିକ ମଧ୍ୟରେ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ହାଇଦ୍ରାବାଦ, କୋଏମ୍ବଟୁର, କାଦିୟାନ, କାଲିକଟ, ମେଲାପାଲମ୍, ମଞ୍ଜେରୀ, ବ୍ୟାଙ୍ଗଲୋର, **କେରଙ୍ଗ,** କଲିକତା ଓ କରୋଲାଇ ଇତ୍ୟାଦି ।

ତା'ପରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ତେହରିକେ ଜଦିଦ୍‌ର ପ୍ରଥମ ପର୍ଯ୍ୟାୟର ଏହା ୯୨ତମ ବର୍ଷ ଆରମ୍ଭ ହେବାକୁ ଯାଉଛି । ଆଉ ଦ୍ୱିତୀୟ ପର୍ଯ୍ୟାୟର ଏହା ୮୨ତମ ବର୍ଷ ଶୁଭାରମ୍ଭ ହେବ ଏବଂ ତୃତୀୟ ପର୍ଯ୍ୟାୟର ଏହା ୬୧ତମ ବର୍ଷ ଆରମ୍ଭ ହେବ, ଚତୁର୍ଥ ପର୍ଯ୍ୟାୟର ଏହା ୪୧ତମ ବର୍ଷ ଆରମ୍ଭ ହେବ, ପଞ୍ଚମ ପର୍ଯ୍ୟାୟର ଏହା ୨୨ତମ ବର୍ଷ ଆରମ୍ଭ ହେବ ଓ ଷଷ୍ଠ ପର୍ଯ୍ୟାୟର ଏହା ତୃତୀୟ ବର୍ଷ ଆରମ୍ଭ ହେବ । ହୁଜୁର ଅନଓ୍ୱର[ଅ.ବ] କହିଲେ; ନୂତନ ଆଗମନକାରୀ ଏହି ପର୍ଯ୍ୟାୟରେ ସାମିଲ ହେବେ ।

ସେଥିଅନ୍ତେ ପୁଣ୍ୟଶ୍ଲୋକ ହଜରତ ମସିହ ମଉଦ[ଅ.ସ]ଙ୍କର ଏକ ସନ୍ଦର୍ଭ ଯାହାକି ଅର୍ଥଦାନ କରିବା ସଂକ୍ରାନ୍ତରେ  ରହିଛି, ଚର୍ଚ୍ଚା କରି ଦୁଆ କଲେ ଯେ ଅଲ୍ଲାଃତାଲା ଏହି ପାଣ୍ଠିରେ ଅର୍ଥଦାନ କରବା ଫଳରେ ଆମମାନଙ୍କୁ ଇସଲାମର ବାର୍ତ୍ତା ପହଞ୍ଚାଇବାକୁ ଶକ୍ତି ପ୍ରଦାନ କରୁଛନ୍ତି । ଅଲ୍ଲାଃତାଲା ଆମର ଏହି ପ୍ରୟାସ ଓ ଉଦ୍ୟମରେ ଅସୀମ କଲ୍ୟାଣ ପ୍ରଦାନ କରନ୍ତୁ ଏବଂ ତାହାର ଉତ୍ତମ ପରିଣାମ ଉଦ୍ଭୂତ କରାନ୍ତୁ । ଆଉ ଆମେମାନେ ଖୁବ୍ ଶୀଘ୍ର ଜଗତରେ ଏକ ଓ ଅଦ୍ୱିତୀୟ ପରମେଶ୍ୱରଙ୍କ ପ୍ରଭୁତ୍ୱ ସ୍ଥାପିତ ହେବାର ଦୃଶ୍ୟ ଅବଲୋକନ କରିନେଉ । ହଜରତ ମୁହମ୍ମଦ[ସ.ଅ]ଙ୍କ ଧ୍ୱଜା ଲହରେଇବାର ଦେଖିନେଉ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

7th November 2025

*Translated to Odia by :* Moulavi Anwar Ahmad Khan